# Akashvani, Sambalpur

## SAMBALPURI NEWS EVENING BULLETIN

**26 January 2025- 8.17 pm- 8.27 pm.**

*********************************************

୧- ୭୬ ନମ୍ବର୍ ସାଧାରଣତନ୍ତ୍ର ଦିବସ୍‌କେ ନେଇକରି ସାାରା ଦେଶେ ଉସ୍‌ନାକି ।

- ନୂଆଦିଲ୍ଲୀ କର୍ତବ୍ୟ ପଥ ନ ଜାତୀୟ ପତାକା ଉତୋଲନ୍ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ରାଜ୍ୟସ୍ତରୀୟ ସମାରୋହଥି ଜାତୀୟ ପତାକା ଉତୋଲନ୍ କଲେ ରାଜ୍ୟପାଲ୍ ।

୨- ସାହସିକତା ଆଉ ସେବା କ୍ଷେତ୍ରଥି ଉଲ୍ଲେଖନୀୟ କାମ୍ ଲାଗି ଦିଆଗଲା ପୁଲିସ୍ ପଦକ୍ ।

୩- ବାଙ୍କି ଛାତ୍ରମୃତ୍ୟୁ ଘଟ୍‌ନାଥି ମୃତକଙ୍କର୍ ପରିବାର୍‌କେ ୫ ଲାଖ୍ ଟଙ୍କା ସାହାଜ୍ ଘୋଷ୍‌ନା ।

ଆଉର୍

୪- ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗଥି ଓଡ଼ିଶା ୱାରିୟର୍ସ ଆର୍ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ଚାଲିଛେ ଫାଇନାଲ୍ ମେଚ୍ ।

ଜାତୀୟ ସାଧାରଣ୍ତନ୍ତ୍ର ଦିବସ୍ ସମାରୋହ/ଆର୍ଏନ୍ୟୁ ସମ୍ବଲ୍ପୁର୍

ଦେଶ୍ ଆଏଜ୍ ୭୬ ନମ୍ବର୍ ସାଧାରଣ୍ତନ୍ତ୍ର ଦିବସ୍ ପାଲନ୍ କରୁଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର୍ କର୍ତବ୍ୟପଥ ନ  ଜାତୀୟ ପତାକା ଉତୋଲନ୍ କରିକରି ସମ୍ମିଲିତ୍ ପେରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିଛନ୍ । ଇଣ୍ଡୋନେସିଆର୍ ରାଷ୍ଟ୍ରପତି ପ୍ରବୋଓ ସୁବିଆନ୍ତୋ ମୁଖ୍ୟଅତିଥି ଭାବେ ସମାରୋହଥି ଯୋଗ୍ ଦେଇଥିଲେ । ତିନ୍‌ହି ସେନା, ଅର୍ଦ୍ଧସାମରିକ୍ ବାହିନୀ, ଏନ୍‌ସିସି, ଏନ୍‌ଏସ୍‌ଏସ୍, ଭିନ୍ ଭିନ୍ ବର୍ଗର୍ ସାମରିକ୍, ପୁଲିସ୍ ବାହିନୀ ତର୍‌ଫୁ ସମ୍ମିଲିତ୍ ପେରେଡ୍ ହେଇଥିଲା । ଦେଶର୍ ଭିନ୍ ଭିନ୍ ଜାଗାନୁ ୧୦ ହଜାର୍‌ନୁ ଅଏତ୍‌କା ଖାସ୍ କୁନୁଆଁ ନିଉତା ପାଇକରି ସାଧାରଣ୍ତନ୍ତ୍ର ଦିବସ୍ ଉତ୍ସବ୍ ପାଲନ୍‌ଥି ଯୋଗ୍ ଦେଇଥିଲେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ଠାନେ ଜାତୀୟ ଯୁଦ୍ଧସ୍ମାରକୀ ନ ଶହୀଦ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଦେବାର୍ ସହେତେ ପ୍ରଦର୍ଶନୀ ବୁଲି ଦେଖିଥିଲେ ।

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ        ଆର୍‌ଏନ୍‌ୟୁ/

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ୍ ପେରେଡ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଭୁବ୍‌ନେଶ୍ୱର୍ ଗାନ୍ଧୀ

ମାର୍ଗ ନ ଜାତୀୟ ପତାକା ଉତୋଲନ୍ କରିକରି ସମ୍ମିଲିତ୍ ପରେଡ୍‌ଥି ଅଭିଭାଦନ୍ ଗ୍ରହଣ୍ କରିଛନ୍ । ୧୭ ଟା ସାମରିକ୍ ବାହିନୀ ଆର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍‌ର ୨୬ ଟା ବେସାମରିକ୍ ଦଲ୍ ପରେଡ୍‌ଥି ଭାଗ୍ ନେଇଥିଲେ । ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ତର୍‌ଫୁ ଇ ଅବ୍‌ସରେ କାର୍ଯ୍ୟକ୍ରମ୍ ମାନ୍ ପ୍ରଦର୍ଶିତ୍ ହେଇଥିଲା । ସମୃଦ୍ଧ ଓଡ଼ିଶାର୍ ଐତିହ୍ୟ ଆର୍ ବିକାଶ୍‌କେ ଦର୍ଶଉଥିବା ଭିନ୍ ଭିନ୍ ବିଭାଗ୍‌ର ପ୍ରଜ୍ଞାପନ୍ ମେଢ଼ ଭିଲ୍ ପ୍ରଦର୍ଶିତ୍ ହେଇଥିଲା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କଟକ୍‌ର ବିଡ଼ାନାଶୀ ମିନି ଷ୍ଟାଡ଼ିୟମ୍ ଠାନେ ଜାତୀୟ ପତାକା ଉତୋଲନ୍ କରିକରି ଦେଶ୍ ଲାଗି ଜୀବନ୍ ଦେଇଥିବା ସଂଗ୍ରାମୀ ମାନ୍‌କୁ ଶ୍ରଦ୍ଧାଞ୍ଜଲି ଜନେଇଛନ୍ । ଦେଶର୍ ଗଣତନ୍ତ୍ରକେ ବଜାୟ ରଖିବାର୍‌ଥି କୋଟି କୋଟି ଲୁକ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ବଲି ଶ୍ରୀ ମାଝୀ କହିଛନ୍ । ସାଧାରଣ୍ ଲୁକ୍‌କୁ ଶିକ୍ଷା, ସ୍ୱାସ୍ଥ୍ୟ ବାଗିର୍ ମୌଲିକ୍ ଅଧିକାର୍ ଯୁଗେଇ ଦେବାର୍ ଲାଗି ରାଜ୍ୟ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସମୃଦ୍ଧ ଆଉ ବିକଶିତ୍ ଓଡ଼ିଶା ଗଠନ୍ ଲାଗି ସାଧାରଣ୍ ଲୋକ୍‌ମାନେ ସହଯୋଗ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍-୧- ମୁଖ୍ୟମନ୍ତ୍ରୀ)

ସୁନ୍ଦର୍‌ଗଡ଼୍ ଜିଲ୍ଲା ଯାତ୍ରା ପଡ଼ିଆ ଠାନେ ହେଇଥିବା ସାଧାରଣତନ୍ତ୍ର ଦିବସ୍ ଉତ୍ସବ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ

ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଯୋଗ୍ ଦେଇକରି ପତାକା ଉତୋଲନ୍ କରିଥିଲେ । ସେଆଡ଼େ ନୂଆପଡ଼ା ଜିଲ୍ଲା ମିନିଷ୍ଟାଡ଼ିୟମ୍ ଠାନେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସମ୍ମିଲିତ୍ ପେରେଡ୍‌ର ଅଭିବାଦନ୍ ଗ୍ରହଣ୍ କର୍‌ବାର୍ ସହେତେ ଜାତୀୟ ପତାକା ଉତୋଲନ୍ କରିଥିଲେ । ସେଆଡ଼େ ରାଜ୍ୟ ଗ୍ରାମ୍ୟ ଉନ୍ନୟନ୍ ଆର୍ ପଂଚାୟତ୍‌ରାଜ୍ ଆର୍ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ସୁବର୍ଣ୍ଣପୁର୍ ଠାନେ ପତାକା ଉତୋଲନ୍ କରିଥିଲେ । ସହରର ରାମେଶ୍ୱର୍ ଷ୍ଟାଡ଼ିୟମ୍ ଠାନେ ଜାତୀୟ ପାତାକା ଉତୋଲନ୍ କର୍‌ବାର୍ ସହେତେ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ବାବ୍‌ଦେ ଶ୍ରୀ ନାୟକ୍ ଜନେଇଥିଲେ ।

ସମ୍ବଲ୍‌ପୁର୍ ରିଜର୍ଭ ପୁଲିସ୍ ପଡ଼ିଆ ଠାନେ ହେଇଥିବା ସାଧାରଣତନ୍ତ୍ର ଦିବସ୍ ପାଲନ୍ ଅବ୍‌ସରେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ପତାକା ଉତୋଲନ୍ କର୍‌ବାର୍ ସହେତେ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିଥିଲେ । ୩୯ ପ୍ଲାଟୁନ୍ ଏନ୍‌ସିସି, ଏପିଆର୍, ସିଭିଲିଆନ୍ ପରେଡ୍‌ଥି ଭାଗ୍ ନେଇଥିଲେ । ଇତାର୍‌ସହେତେ ୧୦ ଟା ପ୍ରଜ୍ଞାପନ ମେଢ଼ ଭିଲ୍ ଇଥି ସାମିଲ୍ ହେଇଥିଲା ।

ସେନ୍ତା ବୌଦ୍ଧ ଜିଲ୍ଲା ସଦର୍ ମହକୁମା ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ସାଧାରଣ୍‌ତନ୍ତ୍ର ଦିବସ୍ ସମାରୋହଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଜାତୀୟ ପତାକା

ଉତୋଲନ୍ କର୍‌ବାର୍ ସହେତେ ପେରେଡ୍ ଅଭିବାଦନ୍ କରିଥିଲେ ।

ସାଧାରଣତନ୍ତ୍ର ଦିବସ୍-ରକ୍ତଦାନ୍ ଶିବିର ହି.ସ.

ସାଧାରଣତନ୍ତ୍ର ଦିବସ୍ ଅବ୍‌ସରେ କଟକ୍ ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ଜିଲ୍ଲା ସ୍ୱାସ୍ଥ୍ୟସମିତି ଆର୍ କଟକ୍ ମହାନଗର୍ ନିଗମ୍ ତର୍‌ଫୁ ଗୁଟେ ବୃହତ୍ ରକ୍ତଦାନ୍ ଶିବିର୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶିବିର୍‌କେ ଉଦ୍‌ଘାଟନ୍ କରିକରି କହିଛନ୍ ଯେ, ଏନ୍ତା ଚେରେଷ୍ଟା ସମାଜ୍‌ର କଲ୍ୟାଣ୍ ସହେତେ ଜରୁରୀକାଲୀନ୍ ସ୍ଥିତି ନ ରୋଗୀମାନ୍‌କୁ ରକ୍ତ ଯୁଗେଇ ଦେବାର୍‌ଥି ବିଶେଷ୍ ଭାବେ ସାହାଜ୍ କର୍‌ବା ।

ରାଜ୍ୟସ୍ତରୀୟ ପୁଲିସ ପଦକ୍ I&PR/ଆର୍‌ଏନ୍‌ୟୁ/କଟକ୍

ସାଧାରଣତନ୍ତ୍ର ଦିବସ୍ ୨୦୨୫ ଅବ୍‌ସରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତର୍‌ଫୁ ହେଇଥିବା ରାଜ୍ୟସ୍ତରୀୟ ପଦକ୍ ପ୍ରଦାନ୍ ଉଛବ୍‌ଥି ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍‌ପାଟି ମୁଖିଆ କୁନୁଆ ଭାବେ ଯୋଗ୍ ଦେଇକରି ପୁଲିସ୍ ଅଧିକାରୀ ମାନଙ୍କୁ ଭିନ୍ ଭିନ୍ ବର୍ଗଥି ପଦକ୍ ଆର୍ ମାନ୍‌ପତ୍ର ପ୍ରଦାନ୍ କରିଛନ୍ । ରାଜ୍ୟ

ପୁଲିସ୍ ସେବାର୍ ୨ ଜଣ୍ ଅଧିକାରୀଙ୍କୁ ରାଷ୍ଟ୍ରପତି ପଦକ୍ ପ୍ରଦାନ୍ କରାଯାଇଛେ । ୧୪ ଜଣ୍‌କୁ ଉଲ୍ଲେଖନୀୟ ସେବା ଲାଗି ଆର୍ ୧୮ ଜଣ୍ ପୁଲିସ୍ ଅଧିକାରୀଙ୍କର୍ ସହେତେ ଅଗ୍ନିଶମ ବାହିନୀ, ହୋମ୍‌ଗାର୍ଡ଼, ସିଭିଲ ଡିଫେନ୍ସ ବାଗିର୍ ଭିନ୍ କ୍ଷେତ୍ରଥି ଉଲ୍ଲେଖନୀୟ କାମ୍ ଲାଗି ରାଜ୍ୟପାଲ୍ ସମ୍ମାନ୍‌ଜନକ୍ ପୁଲିସ୍ ପଦକ୍ ପ୍ରଦାନ୍ କରିଛନ୍ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ମହା ନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ, ପୁଲିସ ମହାନିର୍ଦ୍ଦେଶକ ଜେଲ୍- ଅରୁଣ କୁମାର ରାୟ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର୍ ଭିନ୍ ଭିନ୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏବାକାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବାଙ୍କି ଦୁର୍ଘଟଣା ଆର୍ଏନ୍ୟୁ/ କଟକ୍

କଟକ୍ ଜିଲ୍ଲା ବାଙ୍କିର୍ ମାଲ୍ବିହାର୍ପୁର ଠାନେ ପିକ୍ଅପ୍ ଭେନ୍ ଦୁର୍ଘଟଣାଥି ଛାତ୍ର ମୃତ୍ୟୁ ଘଟ୍ନାଥି ରାଜ୍ୟ ସର୍କାର୍ ଜିଲ୍ଲାସ୍ତରୀୟ ତଦନ୍ତ୍ ନିର୍ଦ୍ଦେଶ୍ ଦେଇଛନ୍ । ଘଟ୍ନାକେ ନେଇକରି ମାଲବିହାର୍ପୁର୍ ଉଚ୍ଚବିଦ୍ୟାଳୟର୍ ପ୍ରଧାନ୍ ଶିକ୍ଷକ୍ଙ୍କୁ ନିଲମ୍ବିତ କରାଯାଇଛେ । ଜୀବନ୍ ଯାଇଥିବାର୍ ଛାତ୍ରଙ୍କର୍ ପରିବାର୍ ଲୁକ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ୩ ଲାଖ୍ ଆର୍ ଶିକ୍ଷା ବିଭାଗ୍ ତର୍ଫୁ ଅଏତ୍କା ୨ ଲାଖ୍ ଟଙ୍କା ସହାୟତା ଦେବାର୍କେ ଘୋଷ୍ନା କରାଯାଇଛେ । ସେନ୍ତା ଆହତ୍ମାନ୍କର୍ ଚିକିତ୍ସା ଲାଗି ଶିକ୍ଷା ବିଭାଗ୍ ତର୍ଫୁ ୩୦ ହଜାର୍ ଟଙ୍କା ଲେଖା ମଞ୍ଜୁର୍ କରାଯାଇଛେ । ଇଡ଼୍ ଜନେଇ ଦିଆଯାଇପାରେ ଯେ, ଆଏଜ୍ ସଖାଲେ ସାଧାରଣତନ୍ତ୍ର ଦିବସ୍ ପେରେଡ୍ଥି ଯୋଗ୍ ଦେବାର୍ ଲାଗି ସ୍କୁଲ୍ର ଛାତ୍ରଛାତ୍ରୀମାନ୍କୁ ଗୁଟେ ପିକ୍ଅପ୍ ଭେନ୍ଥି ମାଲ୍ବିହାର୍ପୁର୍ ସ୍କୁଲ୍ନୁ ସରଣ୍ଡା ପରେଡ୍ ପଡ଼ିଆକେ ନିଆଯାଉଥିଲା । ବାଟେ ଭେନ୍ ଉଲ୍ଟି ଯିବାର୍ନୁ ୨୫ ଝନ୍ ଛାତ୍ରଛାତ୍ରୀ ଆହତ୍ ହେଇଥିଲେ । ଆହତ୍ମାନ୍କୁ ତୁର୍ତି କଟକ୍ ମେଡ଼ିକାଲ୍ ନ ଭର୍ତି କରାଯାଇଥିଲା । ସେଥିରୁ ଝନ୍କର୍ ଜୀବନ୍ ଯାଇଥିଲା । ବିଭାଗୀୟ ସଚିବ ଡାକ୍ତର୍ଖାନାକେ ପୁହୁଁଚିକରି ଛୁଆମାନ୍କର୍ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ ।

ପେନ୍‌ସନ୍ ଯୋଜ୍‌ନା        ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାରୀ କର୍ମଚାରୀମାନ୍‌କର୍ ଏକିକୃତ ପେନ୍‌ସନ୍ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବାର୍ ଲାଗି ଗେଜେଟ୍ ବିଜ୍ଞପ୍ତି ପ୍ରକାଶ୍ ପାଇଛେ । ଇ ବଛର୍ ଏପ୍ରିଲ୍ ମାସୁ ଇ ପେନ୍‌ସନ୍ ଯୋଜ୍‌ନା କାର୍ଯ୍ୟକାରୀ ହେବା । ଏକିକୃତ ପେନ୍‌ସନ୍ ଯୋଜ୍‌ନାଥି ୨୫ ବଛର୍ କି ତାର୍‌ନୁ ଅଏତ୍‌କା ବରସ୍ ଚାକିରୀ କରିଥିଲେ ଅବସର ନେବାର୍ ଆଘୋନୁ ୧୨ ମାସେ ସେମାନ୍‌କର୍ ହାରାହାରି ମୌଳିକ ଦର୍‌ମାର୍ ୫୦ ପ୍ରତିଶତ୍ ପେନ୍‌ସନ୍ ପାଏବେ । ଇତାର୍‌ଛଡ଼ା ଅବସର ପାଇଥିବା କର୍ମଚାରୀଙ୍କର୍ ମୃତ୍ୟୁ ହେଲେ ୬୦ ପ୍ରତିଶତ୍ ପରିବାର୍ ପେନ୍‌ସନ୍ ମିଲ୍‌ବା ବଲି ସର୍‌କାର୍‌ଙ୍କର୍ ତର୍‌ଫୁ ଜାରି କରାଯାଇଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା        I&PR

ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ ଆଏବା ୨୮ , ୨୯ ତାରିଖ୍ ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ଠାନେ ହେବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଇ ବାବ୍‌ଦେ କହିଛନ୍ ଯେ, କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ସହଭାଗିତାଥି

ଆଏବା ଦିନେ ଓଡ଼ିଶା ଭାରତ୍ ମାନଚିତ୍ରଥି ଶିଳ୍ପର କେନ୍ଦ୍ରସ୍ଥଲୀ ହେବା । ସମ୍ମିଲନୀଥି ରାଏଜେ ପାଖାପାଖି ୫ ଲାଖ୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଲକ୍ଷ୍ୟ ରଖାଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଦାନ୍, ସୂଚନା ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍, ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ପ୍ରମୁଖ ଇ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ । ଦେଶ୍ ଆର୍ ବିଦେଶ୍ନୁ ଭିନ୍ ଭିନ୍ ଶିଳ୍ପସଂସ୍ଥାର୍ ୭ ହଜାର୍ ୫ ଶହ ନୁ ଅଏତ୍କା ଶିଳ୍ପ ପ୍ରତିନିଧି ଆର୍ ନିବେଶକ୍ ସମ୍ମିଲନୀଥି ଯୋଗ୍ ଦେବେ । ସମ୍ମିଲନୀଥି ୩ ଟା ଅଧିବେଶନ୍ଥି ଷ୍ଟାର୍ଟଅପ୍ ଓଡ଼ିଶା, ସ୍କିଲ୍ ଇନ୍ ଓଡ଼ିଶା, ମହିଳା ଉଦ୍ୟୋଗୀଙ୍କର୍ ଭିତ୍ରେ ଆଲୋଚନା କରାଯିବା । ୨ ଦିନିଆ ସମ୍ମିଲନୀ ଉତ୍ରୁ ଆଏବା ୩୦ ତାରିଖ୍ ଦିନ ପ୍ରଦର୍ଶନୀକେ ସାଧାରଣ ଲୁକ୍କର୍ ଲାଗି ଖୁଲା ରହେବା ବଲି ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ।

ଆଲୋଚନାଚକ୍ର ସୁବର୍ଣ୍ଣପୁର୍ ସମ୍ବାଦଦାତା

ଐତିହ୍ୟର୍ ସଂରକ୍ଷଣ ଲାଗି କାମ୍ କରୁଥିବା ସର୍ବ ଭାରତୀୟ ଅନୁଷ୍ଠାନ ଇନ୍ଟାକ୍ର ସୁବର୍ଣ୍ଣପୁର ଶାଖା ତର୍ଫୁ ଐତିହ୍ୟକେ ନେଇକରି ସୁବର୍ଣ୍ଣପୁରର୍ ଶିଳାଲେଖ ଶୀର୍ଷକ୍ଥି ଗୁଟେ ଆଲୋଚନାଚକ୍ର ଆଏଜ୍ ହେଇଯାଇଛେ । ଐତିହାସିକ୍ ଡକ୍ଟର ସନ୍ତୋଷ କୁମାର ପାଢ଼ୀଙ୍କର ଅଧ୍ୟକ୍ଷତାଥି ହେଇଥିବା

କାର୍ଯ୍ୟକ୍ରମ୍‌ଥି ନାଁକରା ଐତିହାସିକ୍ ସୁଦାମ୍ ନାଏକ ବକ୍ତା ଭାବେ ଯୋଗ୍ ଦେଇକରି ଓଡ଼ିଆ ଲିପି ଗଠନ୍ ଦିଗେ ସୁବର୍ଣ୍ଣପୁରର୍ ଖାସ୍ ଭୂମିକା ରହିଥିଲା ବଲି କହିଛନ୍ ।

ପଦ୍ମ ପୁରସ୍କାର୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଷ୍ଟ୍ରପତିଙ୍କର୍ ଅନୁମୋଦନ୍‌ଥି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତର୍‌ଫୁ ପଦ୍ମ ପୁରସ୍କାର୍ ୨୦୨୫ ଘୋଷ୍‌ନା କରାଯାଇଛେ । ଇ ବଛର୍ ୧୩୯ ଝନ୍‌ଙ୍କୁ ପଦ୍ମ ପୁରସ୍କାର୍ ଦିଆଯାଇଛେ । ସେଥିରୁ ୭ ଝନ୍‌ଙ୍କୁ ପଦ୍ମ ବିଭୂଷଣ, ୧୯ ଝନ୍‌ଙ୍କୁ ପଦ୍ମଭୂଷଣ ଆଉ ୧୧୩ ଝନ୍‌ଙ୍କୁ ପଦ୍ମଶ୍ରୀ ପୁରସ୍କାର ଲାଗି ମନୋନୀତ୍ କରାଯାଇଛେ । ସେଥିର୍ ଭିତ୍‌ରୁ ଓଡ଼ିଶାନୁ ୪ ଝନ୍ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କର୍ ନାଁ ରହିଛେ । ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ, ଭେଷଜ ବିଜ୍ଞାନରେ ପ୍ରଖ୍ୟାତ ଚିକିତ୍ସକ ଡାକ୍ତର ଅଶୋକ କୁମାର ମହାପାତ୍ର, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଦୁର୍ଗାଚରଣ ରଣବୀର ଆର୍ ବିଶିଷ୍ଟ ସାହିତ୍ୟିକା ଡକ୍ଟର ପ୍ରତିଭା ଶତପଥୀଙ୍କୁ ଇ ବଛର୍ ସମ୍ମାନ୍ ଜନକ୍ ପଦ୍ମ ପୁରସ୍କାର୍ ଦିଆଯିବା । ପୁରସ୍କାର୍ ଲାଗି ମନୋନୀତ୍ ହେଇଥିବା ସମ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍‌ଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ସର୍ବଭାରତୀୟ ଲାଲ୍‌ମନୀ କ୍ରିକେଟ୍        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୋନପୁର ଗାନ୍ଧୀ ପଡ଼ିଆଠାନେ ଚାଲିଥିବା ୩୬ ନମ୍ବର ସର୍ବଭାରତୀୟ ଲାଲ୍‌ମନୀ କ୍ରିକେଟ୍ ସ୍ମାରକୀ କପ୍‌ର ଫାଇନାଲ୍ ମେଚ୍‌ଥି ଆଏଜ୍ ନବ୍‌ଜୀବନ୍ କ୍ରିକେଟ୍ କ୍ଲବ୍ ସୁନ୍ଦରଗଡ଼କେ ୨୩ ରନ୍‌ଥି ହରେଇକରି ବାପୁଜୀ କ୍ଲବ୍ ଭୁବନେଶ୍ୱର ଟିମ୍ ଚାମ୍ପିଅନ୍ ହେଇଛେ । ଉଦ୍‌ଯାପନୀ ସମାରୋହଥି ଦୁହି ବିଜେତା ଆର୍ ଉପ୍‌ବିଜେତା ଦଲ୍‌କେ ପୁରସ୍କୃତ୍ କରାଯାଇଛେ । ଫାଇନାଲ୍ ଖେଲ୍‌ଥି ୨୫ ହଜାର୍‌ନୁ ଅଏତ୍‌କା କ୍ରିକେଟ୍‌ପ୍ରେମୀ ସାମିଲ୍ ଥିଲେ ।

ହକି ଇଣ୍ଡିଆ ଲିଗ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗଥି ରାଂଚିଠାନେ ଓଡ଼ିଶା ୱାରିୟର୍ସ ଆର୍ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ଇହାଦେ ଫାଇନାଲ୍ ମେଚ୍ ଚାଲିଛେ । ଖବର୍ ବନା ହେବାର୍‌ତକ୍ ଓଡ଼ିଶା ୱାରିୟର୍ସ ଦଲ୍ - ସୁର୍‌ମା ହକି କ୍ଲବ୍‌ନୁ ୧-ଶୂନ୍ ଗୋଲ୍‌ଥି ଆଗେ ଚାଲିଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୪/୫ ଦିନ୍‌ତକ୍ ପାଗ୍ ଏନ୍ତା ଶୁଖା ରହେବା ।
ଆଏବା କାଏଲ୍ ସଖାଲ୍‌ତକ୍ ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ କୁହୁଡ଼ି ଦେଖାଯିବା । ୧୧ ଟା ଜିଲ୍ଲା ନ ବହଲିଆ କୁହୁଡ଼ି ଦେଖାଯିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ୱ୍ୱାର୍ଣ୍ଣିଂ ଜାରି କରାଯାଇଛେ ।